# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 11 January - 2025

***********************************

# ମୁଖ୍ୟମନ୍ତ୍ରୀ–ପ୍ରବାସୀ ଭାରତୀୟ ଦିବସ

ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଆୟୋଜନ ନୂତନ ଏବଂ ସମୃଦ୍ଧି ଓଡ଼ିଶା ଗଠନ ଦିଗରେ ସଂକଳ୍ପର ଅବସର ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ପ୍ରବାସୀ ଓଡ଼ିଆଙ୍କ ସହ ଗତ ସଂଧ୍ୟାରେ ମତ ବିନିମୟ ବେଳେ ଶ୍ରୀ ମାଝି କହିଛନ୍ତି ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ବିକାଶର ଯାତ୍ରା ଜାରି ରହିଛି । ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ପ୍ରବାସୀ ଭାରତୀୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି ।

**V/o-**

# ପ୍ରବାସୀ ଭାରତୀୟ ଦିବସ ବଢ଼ିଲା

ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ତିନିଦିନିଆ ପ୍ରବାସୀ ଭାରତୀୟ ସମ୍ମିଳନୀ ପ୍ରଦର୍ଶନୀ ଆଜି ଏବଂ ଆସନ୍ତାକାଲି ଦୁଇଦିନ ପର୍ଯ୍ୟନ୍ତ ଖୋଲା ରହିବ । ସାଧାରଣ ଜନତା ଏହି ସମୟ ମଧ୍ୟରେ ପ୍ରଦର୍ଶନୀ ମଣ୍ଡପଗୁଡ଼ିକୁ ବୁଲି ଦେଖିପାରିବେ ।

# କେନ୍ଦ୍ର ସରକାରଙ୍କ ଟଙ୍କା ପ୍ରଦାନ

ଟିକସ ହସ୍ତାନ୍ତର ବାବଦ ଅଗ୍ରୀମ ଆକାରରେ କେନ୍ଦ୍ର ସରକାର ଓଡ଼ିଶାକୁ ୭ହଜାର ୮୩୪ କୋଟି ୮୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି ଏହି ଅର୍ଥ ରାଜ୍ୟର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଧର୍ମେନ୍ଦ୍ର ପ୍ରଧାନ

ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଦିଗରେ ସମସ୍ତେ ବ୍ରତୀ ହେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି । ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଆୟୋଜିତ 'ଆଗ୍ନେୟ ୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କ୍ରୀଡ଼ା ଏବଂ ଶିଳ୍ପାୟନ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ଏବଂ ବରପୁତ୍ରଙ୍କ ସ୍ମୃତିଚାରଣ କରିଛନ୍ତି ।

# ପରିବହନ ଭିତ୍ତିଭୂମି- ବାଣିଜ୍ୟ ମନ୍ତ୍ରୀ

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ରାଜ୍ୟର ୯ଟି ନୂତନ ମାର୍ଗରେ ଓଏସ୍ଆର୍‌ଟିସି ଦ୍ୱାରା ପରିଚାଳିତ ୧୩ଟି ବସ୍ ସେବାର ଶୁଭାରମ୍ଭ କରିଛନ୍ତି । ସିଦ୍ଧଭୈରବୀ, କଣ୍ଟିଲୋସ୍ଥିତ ଗଣିଆ, କୋଟପାଡ, ଯୋରନ୍ଦା ଏବଂ ପାରଳାଖେମୁଣ୍ଡିକୁ ପୁରୀରୁ କେତେକ ବସ୍‌ଗୁଡ଼ିକ ଚଳାଚଳ କରିବ । ସେହିପରି ଭୁବନେଶ୍ୱରରୁ ଇନ୍ଦ୍ରାବତୀ ଓ ବ୍ରହ୍ମପୁର, କଟକରୁ କୁନ୍ଦୁରା ଏବଂ ବ୍ରହ୍ମପୁରରୁ ରାଉରକେଲାକୁ ସିଧାସଳଖ ବସ୍ ଚଳାଚଳର

ଶୁଭାରମ୍ଭ ହୋଇଛି । ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳର ଲୋକଙ୍କୁ ସୁବିଧା ଏବଂ ସୁଲଭ ଗମନାଗମନର ବ୍ୟବସ୍ଥା ପ୍ରଦାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

## ରତ୍ନଭଣ୍ଡାର ମରାମତି କାର୍ଯ୍ୟ

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆସନ୍ତାକାଲି ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବ । ମକର ସଂକ୍ରାନ୍ତି ଏବଂ ଠାକୁରଙ୍କର ଅନ୍ୟାନ୍ୟ ନୀତିକାନ୍ତି ଓ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ୧୬ ତାରିଖରୁ ମରାମତି କାର୍ଯ୍ୟ ପୁନଃ ଆରମ୍ଭ କରାଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।

## ବାଲ୍ୟବିବାହ ବନ୍ଦ

ସମ୍ବଲପୁର ଜିଲ୍ଲାରେ ବାଲ୍ୟ ବିବାହ ବନ୍ଦ କରିବା ଲକ୍ଷ୍ୟ ନେଇ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲାସ୍ତରୀୟ ପଦାଧିକାରୀ ଯୋଗଦେଇ ବାଲ୍ୟବିବାହର କାରଣ ଏବଂ ଏହାର ନିରାକରଣ ଦିଗରେ ମତ ବିନିମୟ କରିଥିଲେ । ଜିଲ୍ଲା ୬୮ଟି ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିବା ବୈଠକରୁ ସୂଚନା ମିଳିଛି ।

## ବୈଠକ

ନୂଆପଡା ଜିଲ୍ଲା ପରିଷଦର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଳି ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ

ବିଧାୟକ ଅଧିରାଜ ପାଣିଗ୍ରାହୀ, ରାଜେନ୍ଦ୍ର ଢ଼ୋଲକିଆ ପ୍ରମୁଖ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ନେଇ ଆଲୋଚନା ହୋଇଛି ।

## ସୁବର୍ଣ୍ଣ ଲୋକ ମହୋତ୍ସବ

ସୁବର୍ଣ୍ଣ ଲୋକ ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଛି । ୫ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥିଲା ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ବିଜୟୀ ହୋଇଛି । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ତାମିଲନାଡୁ ଶ୍ରଚିରାହା ବେଙ୍ଗଲ ଟାଇଗର୍ସଙ୍କୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ହାଇଦ୍ରାବାଦ ତୋଫାନ୍ସ ଓ ସୁରମା ହକି କ୍ଲବ ମଧ୍ୟରେ ସଂଧ୍ୟା ୬ଟାରେ ଏବଂ ରାତି ୮ଟା ୧୫ ମିନିଟ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ୟୁପି ରୁଦ୍ରସ ମଧ୍ୟରେ ମୁକାବିଲା ହେବ ।

## ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତର ପ୍ରକୋପ କ୍ରମଶଃ ହ୍ରାସ ପାଇବ । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ । ଗତକାଲି

୧୦ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ଠାରୁ ନିମ୍ନରେ ରହିଥିଲା ।